# ନୂତନ ଟ୍ରଷ୍ଟବୋର୍ଡ ଗଠନ ଜଟିଳ ପ୍ରକ୍ରିୟା

- ହିଙ୍ଗୁଳା ଟ୍ରଷ୍ଟ ବୋର୍ଡର ବୈଠକରେ ନିଷ୍ପତ୍ତି
- ନିଲାମ ହେବ ମନ୍ଦିର ନିକଟରେ ଥିବା ପୋଖରୀ
- ଭଙ୍ଗାଯିବ ପୁରୁଣା ଲୋକ ମହୋତ୍ସବ ମଣ୍ଡପ


ବୈଠକରେ ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କ ସମେତ ଟ୍ରଷ୍ଟବୋର୍ଡ ସଦସ୍ୟମାନେ।

ତାଳଚେର,୨୯।୮(ନି.ପ୍ର.)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଟ୍ରଷ୍ଟବୋର୍ଡର ନବୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଏକ ବୈଠକ ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟବୋର୍ଡ ସଦସ୍ୟ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିବା ସହ ମନ୍ଦିର ସୁପରିଚାଳନା ପାଇଁ ସବ୍ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ନୂତନ ଟ୍ରଷ୍ଟବୋର୍ଡ ଗଠନ କରିବା ଏକ ଜଟିଳ ପ୍ରକ୍ରିୟା। ଆଇନ ବିଭାଗ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ନେବ। ହାଇକୋର୍ଟଙ୍କ ରାୟ ଅନୁଯାୟୀ ତାଳଚେର ରାଜା ଠାକୁରାଣୀ ଟ୍ରଷ୍ଟବୋର୍ଡର ଆଜୀବନ ସଦସ୍ୟ ରହିପାରିବେ ଏବଂ ଏହା ବଂଶାନୁକ୍ରମିକ ଲାଗୁ ହେବ। ଟ୍ରଷ୍ଟବୋର୍ଡର ଅନ୍ୟ ସଦସ୍ୟ ବଂଶାନୁକ୍ରମିକ ରହିପାରିବେ ନାହିଁ ବୋଲି ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି ବୋଲି ଉପଜିଲାପାଳ ସୂଚନା ଦେଇଥିଲେ। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଭାବେ ତାଳଚେର ଉପଜିଲାପାଳ ମନ୍ଦିରର ଅର୍ଥନୈତିକ କାରବାର, ନୀତିକାନ୍ତିର ତଦାରଖ କରିପାରିବେ। ପ୍ରଶାସନିକ ନିଷ୍ପତ୍ତି ମଧ୍ୟ ନେଇପାରିବେ ବୋଲି ଉପଜିଲାପାଳ ଅବଗତ କରାଇଥିଲେ।

ହିଙ୍ଗୁଳା ମନ୍ଦିର ନିକଟ ପୋଖରୀକୁ ତାଳଚେର ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଉପସ୍ଥିତିରେ ନିଲାମ ଦିଆଯିବ। ନିଲାମ ବାବଦ ଅର୍ଥକୁ ଟ୍ରଷ୍ଟବୋର୍ଡ ଆକାଉଣ୍ଟରେ ଜମା କରାଯିବ। ପ୍ରସ୍ତାବିତ ଯୋଜନା ଅନୁଯାୟୀ ପୀଠର ପୂର୍ବ ଦିଗରେ ଥିବା ପୁରୁଣା ଲୋକ ମହୋତ୍ସବ ମଣ୍ଡପକୁ ଭାଙ୍ଗି ସେଠାରେ ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ମୁକ୍ତିମଣ୍ଡପ ନିର୍ମାଣ କରାଯିବ। ଏହାର ଲେ-ଆଉଟ୍ ଏବଂ ଡିଜାଇନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଟ୍ରଷ୍ଟବୋର୍ଡରେ ତାଳଚେରରେ କାର୍ଯ୍ୟରତ ୪ ଶ୍ରମିକ ସଙ୍ଗଠନର ସାଧାରଣ ସମ୍ପାଦକଙ୍କୁ ଟ୍ରଷ୍ଟବୋର୍ଡ ସଦସ୍ୟ ଭାବେ ଗ୍ରହଣ କରିବାକୁ ଅରୁଣ ପ୍ରଧାନ ପ୍ରସ୍ତାବ ଦେଇଥିଲେ। ସେହିପରି ହିଙ୍ଗୁଳା କୋଇଲା କ୍ଷେତ୍ରର ମହାପ୍ରବନ୍ଧକଙ୍କୁ ନୂତନ ଟ୍ରଷ୍ଟ ବୋର୍ଡ ସଦସ୍ୟ କରିବାକୁ ସଞ୍ଜୟ ସାହୁ ପ୍ରସ୍ତାବ ଆଗତ କରିଥିଲେ। ତାଳଚେରର ରାଜା ରାଜେନ୍ଦ୍ର ପ୍ରସାଦ ଦେବ ଆଲୋଚନାକୁ ସମର୍ଥନ କରିଥିଲେ। ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ବିଡିଓ ଶିବ କୁମାର ମିଶ୍ର, ତହସିଲଦାର ମନ୍ମଥ ନାୟକ, ପିଡବ୍ଲୁଡି ଏସ୍‌ଡିଓ ସନ୍ତୋଷ ମାଝି, ଟ୍ରଷ୍ଟ ସଦସ୍ୟ ଜଗନ ମୋହନ ଗଡ଼ନାୟକ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ମୂରଲୀଧର ସାହୁ, ସନ୍ତୋଷ ପ୍ରଧାନ, ଜଗଦାନନ୍ଦ ନାୟକ, ଏମ୍‌ସିଏଲ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏ.କେ. ସ୍ୱର୍ଣ୍ଣକାର, ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ପି.ବି. ରେଡ୍ଡୀ, ଧୂଳେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍କୁଲ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର

ବନ୍ତଳା,୨୯।୮(ଡି.ଏନ୍.ଏ.): ବନ୍ତଳା ବ୍ଲକ ବଲଙ୍ଗ ଉଚ୍ଚ ବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟର ରବିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବିଧାୟକ ରଜନୀକାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଜିଲା ପରିଷଦ ସଭ୍ୟ ହାଡ଼ିବନ୍ଧୁ ଦେହୁରୀ, ସୁକାନ୍ତିବାଳା ନାଏକ, ମଞ୍ଜୁଲତା ସାହୁ, ସରପଞ୍ଚ ରୁନୁବାଲା ସାହୁ, ବ୍ଲକ ବିଜେଡି ସଭାପତି ସରୋଜ ସାହୁ, ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିପୂର୍ବରୁ ବନ୍ତଳା ଶିବ ମନ୍ଦିର ନିକଟରେ 'ସେକେଣ୍ଡ ଲାଇଟ୍ ୟୁଥ ଆସୋସିଏଶନ' ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଧାୟକ ସିଂ, ଯୁବନେତା ଅରୁଣାଭ ସିଂ, ଅନୁଷ୍ଠାନର ସଭାପତି ପ୍ରଦୀପ ସାହୁ, ସମ୍ପାଦକ ଜୟନ୍ତ ସାହୁ, ଅନୀଲ ପ୍ରଧାନ, ମାନସ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ୨୫୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ।

### ସାପ କାମୁଡ଼ାରେ ରାତ୍ରି ଜଗୁଆଳି ମୃତ

ଅନୁଗୋଳ ଅଫିସ, ୨୯।୮: ଅନୁଗୋଳ ଜିଲା କିଶୋରନଗର ଥାନା ଅଙ୍ଗପଡ଼ା ପ୍ୟାକ୍ସରେ ରାତ୍ରି ଜଗୁଆଳି ଭାବେ କାର୍ଯ୍ୟରତ ସଞ୍ଜୟ ଦେହୁରୀ (୪୨)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସଞ୍ଜୟ ଶନିବାର ରାତିରେ ଡ୍ୟୁଟି କରୁଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଦାନ୍ତରେ ପିକ୍‌ଅପ୍ ଟାଣିଲେ ମସ୍‌ଲାଉଦ୍ଦିନ୍



ସୋର, ୨୯।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ପୌରାଞ୍ଚଳ ଅଧୀନ କାଜିମହଲା ବସ୍ତିବାସିନ୍ଦା ଶେକ୍ ମସଲାଉଦ୍ଦିନ୍ ଏବେ ଦୁଃସାହସିକ ଶାରିରୀକ ଶକ୍ତି ପ୍ରଦର୍ଶନ କରି ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇବା ଉଦ୍ୟମ ଜାରି ରଖିଛନ୍ତି। ପୂର୍ବରୁ ସେ ସର୍ବସମ୍ମୁଖରେ ଗାଲରେ କଣା କରି ମାରୁତି କାରକୁ ୫୦ମିଟର ପର୍ଯ୍ୟନ୍ତ ଟାଣିବା, ଦାନ୍ତରେ ମିନି ଟ୍ରକ୍ ୧ଶହ ମିଟର ପର୍ଯ୍ୟନ୍ତ ଟାଣିବା, ଆଖି ଚୁଟିରେ ୫ କେଜି ଓଜନର ବଟକରା ଦୀର୍ଘ ସମୟ ପର୍ଯ୍ୟନ୍ତ ଝୁଲାଇ ରଖିବା ଦେଖି ସାଧାରଣ ଲୋକେ ଚକିତ ହୋଇ ପଡିଥିଲେ। କିଛି ମାସର ବିରତି ପରେ ଏବେ ସେ ପୁଣି ଦାନ୍ତରେ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ୧୫୦ ମିଟର ପର୍ଯ୍ୟନ୍ତ ଟାଣି ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହାକୁ ଦେଖିବାକୁ ସହର ଅନ୍ତର୍ଗତ ମୋବାରକପୁର ଛକରେ ଏହି ପ୍ରବଳ ଭିଡ଼ ହୋଇଥିଲା।

# ଟ୍ରକ୍ ଆସୋସିଏଶନ୍ ପକ୍ଷରୁ ଦାବିପତ୍ର

ଅନୁଗୋଳ ଅଫିସ, ୨୯।୮

ମାଲ୍ ପରିବହନରେ ପାତରଅନ୍ତର ଏବଂ ଅଣଦେଖା କରାଯାଉଥିବା ପ୍ରତିବାଦରେ ଅନୁଗୋଳ 'ମଲ୍ଟି ଏକ୍ସଏଲ ଟ୍ରକ୍ ଆସୋସିଏଶନ୍' ପକ୍ଷରୁ ରବିବାର ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଜିଲାରେ ଥିବା ବିଭିନ୍ନ କମ୍ପାନୀରୁ କରାଯାଉଥିବା ମାଲ୍ ପରିବହନରେ ସଂଘକୁ ଅଣଦେଖା କରାଯାଉଛି। ତାଳଚେରରେ ଖଣି ଥିଲେ ମଧ୍ୟ ଜିଲାର ଟ୍ରକ୍ ମାଲିକଙ୍କୁ ସୁଯୋଗ ମିଳୁନାହିଁ। ବାରମ୍ବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ ସୁଫଳ ମିଳୁନାହିଁ। 'ମଲ୍ଟି ଏକ୍ସଏଲ ଟ୍ରକ୍ ଆସୋସିଏଶନ୍'ର ୨୯୦ ମାଲିକଙ୍କ ୫୦୦ ଗାଡ଼ି ରହିଛି। କିନ୍ତୁ କାମ ମିଳୁ ନ ଥିବାରୁ ଭାରିଯାନଗୁଡ଼ିକ କିସ୍ତି ପ୍ରଦାନ କରିବା କଷ୍ଟକର ହେଉଛି। ଟ୍ରକ୍‌କୁ ଜୀବିକା ଭାବେ ବାଛିଥିବା ଡ୍ରାଇଭର, ହେଲ୍‌ପରଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡ଼ିଛି। ଏହାର ତୁରନ୍ତ ସମାଧାନ କରିବାକୁ ବିଧାୟକଙ୍କ ନିକଟରେ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସାଧାରଣ ସମ୍ପାଦକ ଅମିତ୍ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।


ସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ରାସ୍ତା ମରାମତି ପାଇଁ ୧୦ ଲକ୍ଷ ମଞ୍ଜୁର

ବଇଣ୍ଡା, ୨୯।୮(ଡି.ଏନ.ଏ.)


ସିନ୍ଦୂରଖୋଲ ଗ୍ରାମରେ ବିଧାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

- ଜଳକଷ୍ଟ ଦୂର ପାଇଁ ଖୋଳାଯିବ ୨ ନଳକୂଅ
- ପିଏମ୍‌ଜିଏସ୍‌ୱାଇରେ ରାସ୍ତାକୁ ସାମିଲ କରିବା ଦାବି
- ପ୍ରତିଶ୍ରୁତି ପୂରଣ ନ ହେଲେ ପଞ୍ଚାୟତ ଭୋଟ ବର୍ଜନ

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ସିନ୍ଦୂରଖୋଳ ଗ୍ରାମରେ ରାସ୍ତା ଏବଂ ପାନୀୟଜଳ ସମସ୍ୟା ଲାଗି ରହିଛି। ଏ ନେଇ ଗ୍ରାମବାସୀ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ଶନିବାର ବ୍ଲକ ପ୍ରଶାସନ ଓ ଜନପ୍ରତିନିଧି ଗ୍ରାମକୁ ଯାଇ ସ୍ଥିତି ପରଖିବା ସହିତ ରାସ୍ତା ମରାମତି ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏଥିସହ ଜଳକଷ୍ଟ ଦୂର ପାଇଁ ୨ଟି ନଳକୂଅ ଖୋଳାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ବିଡିଓ ସନ୍ତୋଷ କୁମାର ସାହୁ, ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ବେହେରା, ବିଜୟ କୁମାର ପଣ୍ଡା, ସରପଞ୍ଚ ବନିତା ବେହେରା, ସମିତିସଭ୍ୟା ସୁଲୋଚନା ବେହେରା, ପୂର୍ବତନ ସରପଞ୍ଚ ପ୍ରଭାକର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରୋଜକାନ୍ତ ସାହୁ, ପବିତ୍ର ପ୍ରଧାନ, ରୋହିତ ରାଉତ, ରବୀନ୍ଦ୍ର ସାହୁ, ଲମ୍ବୋଦର ସାହୁ, ସତ୍ୟାନନ୍ଦ ସାହୁ, ରାମଚନ୍ଦ୍ର ପ୍ରଧାନ, ଚକ୍ରଧର ବେହେରା ପ୍ରମୁଖ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଶୋଚନୀୟ ହୋଇପଡିଛି। ପାଇବା ପାଣି ସମସ୍ୟା ଦେଖାଯାଇଛି। ନଳକୂଅରୁ ଲୁହାଗୁଣ୍ଡ ବାହାରୁଥିବାରୁ ପିଇବା ଉପଯୋଗୀ ହେଉ ନ ଥିବା ମହିଳାମାନେ ଅଭିଯୋଗ କରିଥିଲେ। ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ଅନ୍ତର୍ଭୁକ୍ତ କରି ପକ୍କା କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଏଥିସହ ୪ ନୂତନ ରାସ୍ତା ନିର୍ମାଣ କରିବାକୁ ନିବେଦନ କରିଥିଲେ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦାବି ପୂରଣ ନ ହେଲେ ଭୋଟବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ତୁରନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ରାସ୍ତା ମେଟାଲିଂ କରିବା ଲାଗି ପ୍ରାଥମିକ ପର୍ଯ୍ୟାୟରେ ୧୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବାବେଳେ ତୁରନ୍ତ ୨ଟି ନଳକୂଅ ଖୋଳିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

### ଅଶ୍ଳୀଳ ଭିଡିଓ ଭାଇରାଲ, ଜଣେ ଗିରଫ

ବଅଁରପାଳ,୨୯।୮(ଡି.ଏନ.ଏ.)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ପଞ୍ଚାୟତର ଜଣେ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍ କରିବା ଅଭିଯୋଗରେ ରବିବାର ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ଗଡ଼ସନ୍ତ୍ରୀର ଦିଲୀପ ସାମଲ। ଥାନାଧିକାରୀ ନରେଶ ସାହୁ କହିଛନ୍ତି, ଦିଲୀପ ଜଣେ ବିବାହିତା ମହିଳାଙ୍କ ଅଶ୍ଳୀଳ ଭିଡିଓ କୌଶଳକ୍ରମେ ଉତ୍ତୋଳନ କରିଥିଲେ। ଏହାପରେ ତାଙ୍କୁ ବ୍ଲାକମେଲିଂ କରିଆସୁଥିଲେ। ଶାରିରିକ ସମ୍ପର୍କ ନ ରଖିଲେ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଉଥିଲେ। ଏ ନେଇ ପୀଡ଼ିତା ଗତ ମେ ୫ରେ ବଅଁରପାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆଇଟି ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋସିଆଲ ମିଡିଆ ପ୍ଲାଟଫର୍ମ ଫେସ୍‌ବୁକ୍‌ର ମୁଖ୍ୟାଳୟ ସହିତ ପୋଲିସ ଯୋଗାଯୋଗ କରି ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା।

# ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା

କଣିହାଁ, ୨୯।୮(ଡି.ଏନ୍.ଏ.)

ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ତରଫରୁ ପ୍ରଜାମଣ୍ଡଳ ପ୍ରତିଷ୍ଠା ଦିବସ ଉପଲକ୍ଷେ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ସହଯୋଗରେ କଣିହାଁସ୍ଥିତ ପବିତ୍ରମୋହନ ହାଇସ୍କୁଲ ପରିସରରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। 'ତାଳଚେର ପ୍ରଜାମଣ୍ଡଳର ସେନାଧ୍ୟକ୍ଷ ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନ' ଶୀର୍ଷକ ବକ୍ତୃତା ଏବଂ 'ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣଙ୍କ ଭୂମିକା' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାରେ ଛେଣ୍ଡିପଦା, କଣିହାଁ ବ୍ଲକର କଲେଜ ଏବଂ ହାଇସ୍କୁଲସ୍ତରରୁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଡ. ମହେଶ୍ୱର ପ୍ରଧାନ, ଶିକ୍ଷାବିତ୍ ସଦାନନ୍ଦ ପ୍ରଧାନ, ଗବେଷକ ଧନେଶ୍ୱର ସାହୁ, ସୁଧାକର ପ୍ରଧାନ, କୁଳମଣି ପ୍ରଧାନ ପ୍ରମୁଖ ବିଚାରକ ରହିଥିଲେ। ୧୮ କୃତୀ ପ୍ରତିଯୋଗୀଙ୍କୁ ସେପ୍ଟେମ୍ବର ୬ ପ୍ରଜାମଣ୍ଡଳ ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ ବୋଲି ଟ୍ରଷ୍ଟ ସଭାପତି ନୃସିଂହ ବରାଳ, ସମ୍ପାଦକ ନିର୍ମଳ ସାହୁ ସୂଚନା ଦେଇଛନ୍ତି।


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ବିଚାରକ।

# ଉଦୟପୁର ବେଳାଭୂମିରୁ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତଦେହ ଜବତ

ଭୋଗରାଇ, ୨୯।୮(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଉଦୟପୁର ବେଳାଭୂମିରୁ ରବିବାର ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ରିତମ ସାଧୁ ଖାନ୍। ତାଙ୍କ ଘର ପଶ୍ଚିମବଙ୍ଗ ନଦିଆ ଜିଲା କତୁଓାଲି ଥାନା ଅଞ୍ଚଳରେ। ତାଳସାରୀ ମେରାଇନ୍ ଥାନା ଶବକୁ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା (ନଂ.୩/୨୧)ରୁଜୁ କରିଛି। ଏହାପରେ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଶନିବାର ପଶ୍ଚିମବଙ୍ଗର ନଦିଆ ଜିଲାର ୭ଜଣ ପର୍ଯ୍ୟଟକ ଦୀଘା ବୁଲିବାକୁ ଆସିଥିଲେ। ଅପରାହ୍ନରେ ଏହି ଯୁବକମାନେ ଦୀଘା ସମୁଦ୍ରରେ ଗାଧୋଉଥିବା ବେଳେ ଜଣେ ଯୁବକ ସମୁଦ୍ର ଜୁଆରରେ ଭାସିଯାଇ ନିଖୋଜ ଥିଲେ। ମୃତ ପର୍ଯ୍ୟଟକଙ୍କୁ ତାଙ୍କ ସାଥୀମାନେ ଚିହ୍ନଟ କରିଥିଲେ।

# ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

ଢେଙ୍କାନାଳ ଅଫିସ, ୨୯।୮



ସାମ୍ବିଧାନିକ ସମ୍ମିଳନୀରେ ଓଷ୍ଟାର କର୍ମକର୍ତ୍ତାମାନେ।

ଢେଙ୍କାନାଳ ଜିଲା ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା)ର ସାମ୍ବିଧାନିକ ସମ୍ମିଳନୀ ରବିବାର ସ୍ଥାନୀୟ ଷ୍ଟେଶନ ବଜାରସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅମ୍ବରୀଶ ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରକାଶ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଅନୁଦାନପ୍ରାପ୍ତ ଶିକ୍ଷକଙ୍କ ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାସ, ସମ୍ପାଦକ ବିଭୂତି ସାମଲ, ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ ଦାସ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ରାଜ୍ୟ ସମ୍ପାଦକ ବିନୟ ପରିଡ଼ା, ଜମେଶ୍ୱର ପୃଷ୍ଟି, ଶଶାଙ୍କ ଶେଖର ରଥ, ସାରଙ୍ଗଧର ମିଶ୍ର, ବିପ୍ରବର ସାହୁ, ସରୋଜକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ୩ବର୍ଷ ପାଇଁ ଜିଲା କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସନ୍ତୋଷ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାସ, ଉପସଭାପତି ସଦାନନ୍ଦ ସାହୁ, ଗୌରହରି ବିଶ୍ୱାଳ, ରେଣୁବାଳା ବେହେରା, ସମ୍ପାଦକ ବିଭୂତି ଭୂଷଣ ସାମଲ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ରାୟ, ସୁବାସ ଚନ୍ଦ୍ର ସାହୁ, ଜୟଶ୍ରୀ ମିଶ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ତୃପ୍ତିମୟୀ ସାହୁ, ବିଜୟ ନାୟକ, ଅକ୍ଷୟ ଲେଙ୍କା, ଗୀତାଞ୍ଜଳି ବରାଳ ପ୍ରମୁଖ ମନୋନୀତ ହୋଇଛନ୍ତି।

# 'କ୍ଷତିପୂରଣ ନ ଦେଲେ ଜମି ଛାଡ଼ିବୁ ନାହିଁ'

ଛେଣ୍ଡିପଦା, ୨୯।୮(ସ୍ୱ.ପ୍ର.)



ବୈଠକରେ ଉପସ୍ଥିତ କ୍ଷତିଗ୍ରସ୍ତ ପ୍ରଜାସଂଘର କର୍ମକର୍ତ୍ତାମାନେ।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ଭୀମପୀଢ଼ଠାରେ ଟାଟା କୋଲ୍‌ବ୍ଲକ ଜମିହରା ପ୍ରଜାଙ୍କ ଏକ ବୈଠକ ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। କୋଶଳା ମୌଜାରେ କୋଇଲା ଖଣି ନିମନ୍ତେ ପ୍ରଥମେ ଟାଟା କମ୍ପାନୀ ଜମି ଅଧିଗ୍ରହଣ କରିଥିଲା। ତେବେ ପରବର୍ତ୍ତୀ ସମୟରେ ବିର୍ଲା କମ୍ପାନୀକୁ ଏହାକୁ ଦିଆଯାଇଛି। ନୂତନ ବିସ୍ଥାପିତ ନୀତି-୨୦୧୩ ଅନୁଯାୟୀ କ୍ଷତିପୂରଣ ନ ଦେଲେ ଜମି ଛାଡ଼ିବୁ ନାହିଁ ବୋଲି କ୍ଷତିଗ୍ରସ୍ତମାନେ ଚେତାବନୀ ଦେବାସହ ଶପଥପାଠ କରିଛନ୍ତି। ଏହି ଅବସରରେ କ୍ଷତିଗ୍ରସ୍ତ ପ୍ରଜା କମିଟି ଗଠନ କରାଯାଇଥିଲା। ପୀତବାସ ପ୍ରଧାନ, ଅରୁଣ ପ୍ରଧାନ, ସୟ ପ୍ରଧାନ, ସନାତନ ପ୍ରଧାନ, ସତ୍ୟନାରାୟଣ ସାହୁ, ସନ୍ତୋଷ ସାହୁ, ବିଦେଶୀ ବେହେରା, ପ୍ରଫୁଲ୍ଲ ସାହୁଙ୍କୁ କର୍ମକର୍ତ୍ତା ଭାବେ ଚୟନ କରାଯାଇଛି। ରାମଚଣ୍ଡୀ ଟ୍ରଷ୍ଟ ବୋର୍ଡ ସଭାପତି ଉଦିତ କୁମାର ପ୍ରଧାନ ଓ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ ଉପସ୍ଥିତ ରହି ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

# ରାସ୍ତାରେ ନର୍ଦ୍ଦମା ପାଣି ସୁଅ

ଢେଙ୍କାନାଳ ଅଫିସ, ୨୯।୮


ସହରସ୍ଥିତ ଗୋପବନ୍ଧୁ ବଜାର ରାସ୍ତାରେ ନର୍ଦ୍ଦମା ପାଣି।

- ଅଭିଯୋଗ ସତ୍ତ୍ୱେ ନିଆଯାଉନାହିଁ ପଦକ୍ଷେପ
- ସହରବାସୀଙ୍କ ମଧ୍ୟରେ ତେଜିଲା ଅସନ୍ତୋଷ

ଢେଙ୍କାନାଳ ସହରର ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନ ଗୋପବନ୍ଧୁ ବଜାରରେ ରବିବାର ମଧ୍ୟାହ୍ନରେ ହୋଇଥିବା ବର୍ଷାରେ ନର୍ଦ୍ଦମା ପାଣି ଉଚ୍ଛୁଳିଛି। ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ଆବର୍ଜନା ପାଣିର ସୁଅ ଛୁଟିବା ପରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ସହରର ନାଳନର୍ଦ୍ଦମାଗୁଡ଼ିକର ସଫେଇ ହେଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଢେଙ୍କାନାଳକୁ ମିଳିଛି ଆଦର୍ଶ ସହରର ମାନ୍ୟତା। ୨୦୨୦ରେ ଢେଙ୍କାନାଳ ପୌରସଂସ୍ଥା ସ୍ୱଚ୍ଛତା ସର୍ବେକ୍ଷଣ ପୁରସ୍କାର ହାସଲ କରିଥିଲା। ସର୍ବଭାରତୀୟସ୍ତରରେ ୧୪ତମ ଏବଂ ରାଜ୍ୟସ୍ତରରେ ୬ଷ୍ଠ ସ୍ଥାନରେ ରହିଥିଲା ଢେଙ୍କାନାଳ ପୌରସଂସ୍ଥା। ହେଲେ ଗତ କିଛି ମାସ ମଧ୍ୟରେ ସହରର ପରିମଳ ବ୍ୟବସ୍ଥା ଭୁଶୁଡ଼ିଯାଇଛି। ନାଳଗୁଡ଼ିକ ଆବର୍ଜନାରେ ଭର୍ତ୍ତି ହୋଇଛି। ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଚାଲୁଛି। ଏଥିରେ ଜୀବନଯାତ୍ରା ବ୍ୟାହତ ହେବା ସହ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ସୃଷ୍ଟି ହେଉଛି। କରୋନା ସମୟରେ ସ୍ୱଚ୍ଛତା ପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ଢେଙ୍କାନାଳ ଭଳି ପ୍ରମୁଖ ସହରରେ ଏଭଳି ଅବ୍ୟବସ୍ଥା ସାଧାରଣରେ ଅସନ୍ତୋଷ ବଢ଼ାଇଛି।

ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ସମସ୍ୟା ବିଷୟରେ ଅବଗତ ଅଛୁ। ବର୍ଷା କମିଲେ ଏବଂ ଲକ୍ଷ୍ମୀପୂଜା ପରେ ଗୋପବନ୍ଧୁ ବଜାରରେ ଏକ କଲଭର୍ଟ କରିବା ପାଇଁ ପ୍ରସ୍ତାବ ରଖାଯାଇଛି। ପୌର କର୍ତ୍ତୃପକ୍ଷ ମଧ୍ୟ ଏଥି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କୁହନ୍ତି, ପାଣି କୋଉଠୁ ଆସୁଛି ପ୍ରଥମେ ଦେଖିବାକୁ ପଡ଼ିବ। ଏ ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

**କାମାକ୍ଷାନଗର, ୨୯।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କୀର୍ତ୍ତନପୁର ଗ୍ରାମର ପହଲା ପଧାନ ରବିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ସକାଳୁ ଶୌଚ ହେବାକୁ ଗାଁ ନିକଟ କାଜୁ ଜଙ୍ଗଲକୁ ଯାଇଥିବାବେଳେ ଏକ ହିଂସ୍ର ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଭାଲୁ କାମୁଡ଼ାରେ ତାଙ୍କ ବାମ ଗୋଡ, ଡାହାଣ କାନ୍ଧରେ ଗଭୀର ଆଘାତ ଲାଗିଛି। ପରିବାର ଲୋକେ ତାଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### କରୋନା ନେଲା ୧୦ ଜୀବନ

**ଅନୁଗୋଳ ଅଫିସ, ୨୯।୮:** ଅନୁଗୋଳ ଜିଲାରୁ କରୋନାରେ ପୁଣି ୧୦ ଜୀବନ ଯାଇଛି। ଏହା ପରେ ଜିଲାରେ ମୋଟ୍ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୩୫୪ରେ ପହଞ୍ଚିଛି। ସେହିପରି ଦିନକରେ ୨୨ ସଂକ୍ରମିତ ଚିହ୍ନଟ ହେବାପରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୧୩ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଣ୍ଟାଁପାଳ ବ୍ଲକର ୬, ଅନୁଗୋଳ ବ୍ଲକର ୪, ତାଳଚେର ବ୍ଲକର ୪, ଛେଣ୍ଡିପଦା ବ୍ଲକର ୩, କଣିହାଁ ବ୍ଲକର ୩, ପାଲଲହଡ଼ା ବ୍ଲକର ୨ ଜଣ ଅଛନ୍ତି। ଜିଲାରୁ ଦିନକରେ ୪୨ଜଣ ସୁସ୍ଥ ହୋଇଛନ୍ତି। ଅଦ୍ୟାବଧି ଜିଲାର ୫ ଲକ୍ଷ ୧୬ ହଜାର ୩୩ ଜଣଙ୍କୁ ଟିକା ପ୍ରଦାନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ମଦ ଜବତ, ଜଣେ ଗିରଫ

**ବଇଣ୍ଡା, ୨୯।୮(ଡି.ଏନ୍.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ପୋଲିସ ରବିବାର ଚଢ଼ାଉ କରି ବାଇକ୍‌ରେ ଚାଲାଣ କରାଯାଉଥିବା ୧୦ ଲିଟର ମହୁଲି ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ବୁଦୁଲିମୁଣ୍ଡା ଗ୍ରାମର ଲକି ପ୍ରଧାନ (୨୨) ଗିରଫ ହୋଇଛନ୍ତି। ୧୭ ବର୍ଷୀୟ ଜଣେ ନାବାଳକଙ୍କୁ ପୋଲିସ ଅଟକ ରଖିଛି। ସମ୍ପୃକ୍ତ ୨ଜଣ ବାଇକ୍‌ରେ ମଦ ନେଇ ବଇଣ୍ଡା ଅଭିମୁଖେ ଆସୁଥିବାବେଳେ ଆଇଆଇସି ପ୍ରଦୀପ ପ୍ରଧାନ ସଦଳବଳ ଚଢ଼ାଉ କରିଥିଲେ।

### ରାତିକରେ ୪ ଦୋକାନରୁ ଚୋରି

**ବଇଣ୍ଡା, ୨୯।୮(ଡି.ଏନ୍.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଛକରେ ଥିବା ୪ ଦୋକାନରୁ ଶନିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ କାମଦେବ ନାୟକ, ରାଜେନ୍ଦ୍ର ସାହୁ, କବିରାଜ ପ୍ରଧାନ, ସିପୁନ ଦାସଙ୍କ ଦୋକାନ କବାଟ ଭାଙ୍ଗି ଟଙ୍କା ଏବଂ ମୂଲ୍ୟବାନ ସାମଗ୍ରୀ ନେଇଯାଇଛନ୍ତି। ଖବର ଲେଖାଯିବା ଯାଏ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ। ପୋଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଉ ନ ଥିବାରୁ ଚୋରି ବଢୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଏଭଳି ଅନେକ ଘଟଣା ଘଟିଛି। ଅଭିଯୁକ୍ତଙ୍କ ସନ୍ଧାନ ପୋଲିସ ପାଇପାରି ନାହିଁ। ଅନୁଗୋଳ ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।

### ନିରାଡ଼ମ୍ବରରେ ହେବ ଜନ୍ମାଷ୍ଟମୀ

**ବଇଣ୍ଡା, ୨୯।୮(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ରାଧାକୃଷ୍ଣ ମନ୍ଦିର ପରିସରରେ କୋଭିଡ୍ କଟକଣା ମଧ୍ୟରେ ନିରାଡମ୍ବର ପରିବେଶରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳନ କରାଯିବ। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶନିବାର ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜକ ମଦନ ମୋହନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସରପଞ୍ଚ ଜଳଧର ସାହୁ, ଗ୍ରାମ ସମ୍ପାଦକ ଜିତେନ୍ଦ୍ର ବେହେରା, ରମେଶ ଟିବ୍ରିୱାଲା, ରମେଶ ସାହୁ, ରମାକାନ୍ତ ବେହେରା, ଅରବିନ୍ଦ ସାହୁ, ପ୍ରଶାନ୍ତ ସାହୁ, ଚିନୁ ପ୍ରଧାନ, ପରିକ୍ଷିତ ସାହୁ, ସଞ୍ଜୟ ସାହୁ, ବିଜୟ ସାହୁ, ମହେଶ ଶାହା, ଦୀପକ ବେହେରା, ରମେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ୨ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ଆଗାମୀ ଦିନରେ ଆରାଧ ଦେବୀ ମା' ମାହେଶ୍ୱରୀଙ୍କ ବାର୍ଷିକ ପୂଜା କିଭଳି ପାଳନ କରାଯିବ ସେ ନେଇ ମଧ ଆଲୋଚନା କରାଯାଇଥିଲା।

### ୨୧ ଆକ୍ରାନ୍ତ, ୪ ମୃତ

**ଢେଙ୍କାନାଳ ଅଫିସ, ୨୯।୮:** ଢେଙ୍କାନାଳ ଜିଲାରୁ ରବିବାର ୨୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୨୫ଜଣ ସୁସ୍ଥ ହୋଇଛନ୍ତି। ସେହିପରି ୪ ଜଣଙ୍କ ଜୀବନ ନେଇଛି ଭୂତାଣୁ। ଏହାକୁ ମିଶାଇ ମୋଟ୍ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୩୨ ହୋଇଥିବାବେଳେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୩୫କୁ ଖସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୫, ଭୁବନ ବ୍ଲକର ୫, ହିନ୍ଦୋଳ ବ୍ଲକର ୨, ସଦର ବ୍ଲକର ୨, କାମାକ୍ଷାନଗର ବ୍ଲକର ୨ ଓ ଏନ୍‌ଏସିର ୧, ପରଜଙ୍ଗ ବ୍ଲକର ୧, ଗଁଦିଆ ବ୍ଲକର ୧, ଭୁବନ ଏନ୍‌ଏସିର ୧ ଏବଂ ଚିକିତ୍ସାଳୟରୁ ଜଣେ ଚିହ୍ନଟ ହୋଇଛନ୍ତି।

# ମୂର୍ତ୍ତି ଉଚ୍ଚତା ପାଇଁ ମନଉଣା



*ସେମାନେ ମୂର୍ତ୍ତିକାର। ସେମାନଙ୍କ ହାତର କୁହୁକ ସ୍ପର୍ଶରେ ନିର୍ଜୀବ ମାଟି ପାଏ ଜୀବନ। ପାର୍ବଣ ଆସିଲେ ଲକ୍ଷ୍ମୀ ଆସନ୍ତି। ମୂର୍ତ୍ତି ବିକ୍ରିରୁ ଯାହା ରୋଜଗାର ହୁଏ, ସେଥିରୁ ବର୍ଷକର ଭାଗ୍ୟ ନିର୍ଦ୍ଧାରଣ କରନ୍ତି ସେମାନେ। ହେଲେ କରୋନାର ଆତଙ୍କ ମଧ୍ୟରେ ଦୁଇବର୍ଷ ହେଲା ଫିକାପଡ଼ିଛି ପୂଜା ମହୋତ୍ସବ। କଟକଣା ଭିତରେ ମଣ୍ଡପରେ ପୂଜାକାର୍ଯ୍ୟ ହେଉଥିବାବେଳେ ମୂର୍ତ୍ତିର ଉଚ୍ଚତା ୪ ଫୁଟ୍ ମଧ୍ୟରେ ସୀମିତ ରଖିବାକୁ ଜାରି କରାଯାଇଛି କଡ଼ା ନିର୍ଦ୍ଦେଶ, ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ମୂର୍ତ୍ତିକାର। କାରଣ ମୂର୍ତ୍ତି ଉଚ୍ଚତାରେ କଟକଣା ଲାଗିବା ପରେ ଋତୁକାଳୀନ ରୋଜଗାର କମିଯିବା ଆଶଙ୍କା ଦେଖାଦେଇଛି।*

- ପାର୍ବଣ ପୂର୍ବରୁ ଚିନ୍ତାରେ ମୂର୍ତ୍ତିକାର
- କମିଯିବ ଋତୁକାଳୀନ ରୋଜଗାର
- କଟକଣା କୋହଳ କରିବାକୁ ନିବେଦନ

**କାମାକ୍ଷାନଗର, ୨୯।୮(ଡି.ଏନ୍.ଏ.)**

ପାଦ ଥାପିଛି ପାର୍ବଣ। ରବିବାରରୁ ଖୁଦୁରୁକୁଣି ପୂଜାରୁ ଆରମ୍ଭ ହୋଇଛି ମହୋତ୍ସବ ଋତୁ। ଏହାପରେ ପର୍ଯ୍ୟାୟକ୍ରମେ ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା, କାର୍ତ୍ତିକେଶ୍ୱର ମହାପ୍ରଭୁଙ୍କ ପୂଜା ହେବ। ରାଜ୍ୟରେ କରୋନା ସ୍ଥିତି ନିୟନ୍ତ୍ରଣରେ ଥିବାବେଳେ ରାଜ୍ୟ ସରକାର କଟକଣା କୋହଳ କରିଛନ୍ତି। ସତର୍କତା ସହିତ ପୂଜା ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨ବର୍ଷ ହେଲା ବ୍ୟବସାୟ ହରାଇଥିବା ମୂର୍ତ୍ତିକାରମାନଙ୍କୁ ଯଦିଓ ଏହା ସାମୟିକ ଆଶ୍ୱସ୍ତି ଦେଇଛି, ତଥାପି ମୂର୍ତ୍ତିର ଉଚ୍ଚତା ୪ ଫୁଟ ମଧ୍ୟରେ ସୀମିତ ରଖିବାକୁ ନାପସନ୍ଦ କରିଛନ୍ତି ଅନେକେ। କାରଣ ମୂର୍ତ୍ତି ଉଚ୍ଚତା କମିଗଲେ ଭଲ ବରାଦ ଆସିବ ନାହିଁ। ପୁଣିଥରେ ବର୍ଷକର ରୋଜଗାର ବାଧାପ୍ରାପ୍ତ ହେବ ବୋଲି କହିଛନ୍ତି କାମାକ୍ଷାନଗର ଅଞ୍ଚଳର ଅନେକ ପୁରୁଖା ମୂର୍ତ୍ତିକାର।

ଢେଙ୍କାନାଳ ଜିଲାର ଅଧିକାଂଶ ଅଞ୍ଚଳରେ ମୂର୍ତ୍ତି ଗଢ଼ାହୁଏ। ତେବେ କାମାକ୍ଷାନଗର, ପରଜଙ୍ଗ, ଭୁବନ ଅଞ୍ଚଳରେ ଦୀର୍ଘଦିନରୁ ମୂର୍ତ୍ତି ବ୍ୟବସାୟ କରୁଥିବା ଶତାଧିକ ପୁରୁଣା କାରିଗର ଅଛନ୍ତି। ପାର୍ବଣ ଋତୁରେ ମାଟି ପ୍ରତିମା ଏବଂ ଅନ୍ୟ ଦିନରେ ହାଣ୍ଡି, ଫୁଲକୁଣ୍ଡ, ତୁଳସୀ ଚଉଁରା ସମେତ ଅନ୍ୟ ଉପକରଣ ନିର୍ମାଣ କରି ସେମାନେ ଗୁଜୁରାଣ ମେଣ୍ଟାଇଥାଆନ୍ତି। ତେବେ କରୋନା ଆସିବା ପରେ ସବୁକିଛି ଓଲଟପାଲଟ ହୋଇଯାଇଛି। ଲକ୍‌ଡାଉନ୍ କଟକଣା, ଗାଇଡ୍‌ଲାଇନ୍ ଅନୁଯାୟୀ ମହୋତ୍ସବ ପାଳନ ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି ହେବା ପରେ ଗତ ୨ ବର୍ଷ ହେଲା ସେମାନଙ୍କ ବ୍ୟବସାୟ ଏକ ପ୍ରକାର ବୁଡ଼ିଯାଇଛି।

ଚଳିତବର୍ଷ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଗଣେଶ ପୂଜା ପାଇଁ ଗାଇଡ୍‌ଲାଇନ୍ ଅଣାଯାଇଛି। ଆବଦ୍ଧ ମଣ୍ଡପରେ ଗଜାନନଙ୍କୁ ଆବାହନ କରାଯିବା ସହ ମୂର୍ତ୍ତିର ଉଚ୍ଚତା ୪ ଫୁଟ ମଧ୍ୟରେ ସୀମିତ ରଖିବାକୁ ଏଥିରେ କୁହାଯାଇଛି। କେବଳ ଏତିକି ନୁହେଁ, ପୂଜା ମଣ୍ଡପରେ ପୂଜକଙ୍କ ସମେତ ସର୍ବାଧିକ ୭ ଜଣ ଶ୍ରଦ୍ଧାଳୁଙ୍କୁ ଅନୁମତି ଦିଆଯାଇଥିବାବେଳେ ସର୍ବସାଧାରଣଙ୍କ ଦର୍ଶନକୁ ମନା କରାଯାଇଛି। ଏଭଳି କଟକଣାର ପ୍ରଭାବ ସିଧାସଳଖ ମୂର୍ତ୍ତିକାର ଏବଂ ସେମାନଙ୍କ ବ୍ୟବସାୟ ଉପରେ ପଡ଼ିବା ଆଶଙ୍କା ରହିଛି। ପୂର୍ବରୁ ପ୍ରତିଯୋଗିତାମୂଳକ ଭାବେ ବରାଦିଆ ମୂର୍ତ୍ତି ତିଆରି ହେଉଥିବାବେଳେ ଭଲ ଦୁଇ ପଇସା ରୋଜଗାର ହେଉଥିଲା। ହେଲେ ଆବଦ୍ଧ ମଣ୍ଡପରେ ପୂଜା ଏବଂ ମୂର୍ତ୍ତି ଉଚ୍ଚତା ସୀମିତ ରହିଲେ ଅଧିକାଂଶ ପୂଜା ମଣ୍ଡପ କେବଳ ବିଧି ପାଳନ କରିବା ଲାଗି ପୂଜାର୍ଚ୍ଚନା କରିବେ। ତେଣୁ ବଡ଼ମୂର୍ତ୍ତି ତିଆରି ହେବ ନାହିଁ କି ଭଲ ରୋଜଗାର ହେବ ନାହିଁ ବୋଲି କହିଛନ୍ତି ବରିଷ୍ଠ ମୂର୍ତ୍ତିକାର। ଅନ୍ୟପଟେ 'ପ୍ଲାଷ୍ଟର ଅଫ୍ ପ୍ୟାରିସ୍' ମୂର୍ତ୍ତିର ଚାହିଦା ବଢ଼ିବା ପରେ ପାରମ୍ପରିକ ମାଟିମୂର୍ତ୍ତି ବିକ୍ରି ଅନେକାଂଶରେ ହ୍ରାସ ପାଇଛି। ଏବେ ଏଭଳି କଟକଣା ମୂର୍ତ୍ତିକାରଙ୍କ ସମସ୍ତ ସମ୍ଭାବନାକୁ ଶେଷ କରିଦେବ। କରୋନା ମାଡ଼ରେ ସେମାନଙ୍କ ଆର୍ଥିକ ସ୍ଥିତି ଦୟନୀୟ ହୋଇପଡ଼ିଥିବାବେଳେ ପୁଣିଥରେ ପରିବାର ଦୁର୍ଦ୍ଦିନ ମଧ୍ୟକୁ ଚାଲିଯିବ। ତେଣୁ ସରକାର ମୂର୍ତ୍ତି ଉଚ୍ଚତା ସମ୍ପର୍କିତ କଟକଣା ଉଠାଇନେବାକୁ ଅଧିକାଂଶ କାରିଗର ଦାବି କରିଛନ୍ତି।

### କାରିଗରଙ୍କ ପେଟକୁ ଛାଟ



"୧୦ ଫୁଟିଆ ଦୁର୍ଗା ଏବଂ ଲକ୍ଷ୍ମୀ ମୂର୍ତ୍ତି ନିର୍ମାଣ କରିବାକୁ ମାସେ ସମୟ ଲାଗୁଥିବାବେଳେ ଆନୁମାନିକ ୨୦ରୁ ୨୫ ହଜାର ଟଙ୍କା ମିଳିଥାଏ। ସେହିପରି ୫ରୁ ୮ ଫୁଟ ବିଶିଷ୍ଟ ଗଣେଶ, ସରସ୍ୱତୀ, ବିଶ୍ୱକର୍ମା ପ୍ରତିମା ନିର୍ମାଣ କଲେ ୧୦ ହଜାର ଟଙ୍କା ମିଳିଥାଏ। କରୋନା କଟକଣା ଭିତରେ ପୂଜା ହେବା ସ୍ୱାଗତଯୋଗ୍ୟ। କିନ୍ତୁ ମୂର୍ତ୍ତି ଉଚ୍ଚତା କମାଇବାର ଆବଶ୍ୟକତା କ'ଣ ତାହା ବୁଝାପଡୁନାହିଁ। ଏଭଳି କଟକଣା କଳାକାରଙ୍କ ପେଟକୁ ଛାଟ।

**-ମଦନ ମୋହନ ପରିଡ଼ା, ମୂର୍ତ୍ତି କାରିଗର, ନୂଆ ଆଳତୁମା**

### ଅନେକ ପରିବାର ରୋଜଗାର ହରାଇବେ



"ଅନେକ କଳାକାର ଅଛନ୍ତି, ଯେଉଁମାନେ କେବଳ ବଡ଼ ମୂର୍ତ୍ତି ତିଆରି କରିଥାଆନ୍ତି। ପାର୍ବଣ ସମୟରେ ୫ରୁ ୬ଟି ବଡ଼ ମୂର୍ତ୍ତି ଗଢ଼ିଲେ ଦେଢ଼ଲକ୍ଷ ଟଙ୍କା ଯାଏ ରୋଜଗାର ହୋଇଥାଏ। ସରକାରଙ୍କ ୪ ଫୁଟିଆ ମୂର୍ତ୍ତି ନିର୍ମାଣ କଟକଣା ଯୋଗୁ ଏଭଳି ଅନେକ କାରିଗର ଓ ପରିବାର ରୋଜଗାର ହରାଇବେ। ଅନ୍ୟପଟେ ଛୋଟ ମୂର୍ତ୍ତି ନିର୍ମାଣ ଲାଗି ପୂର୍ବ ପ୍ରସ୍ତୁତି, ଜାଗା ମଧ ଦରକାର। ସରକାର ନିୟମ ପ୍ରତ୍ୟାହାର କଲେ ମୂର୍ତ୍ତିକାର ଉପକୃତ ହେବେ।

**-ବିପ୍ଳବ ପ୍ରଧାନ, ମଡ଼ିସାହି**

### କଟକଣା ରହୁ, ମୂର୍ତ୍ତିକାର ବଞ୍ଚନ୍ତୁ



"କରୋନା ମହାମାରୀ ସମୟରେ ଆଡମ୍ବର ପୂଜା କଲେ ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ବଡ଼ ମୂର୍ତ୍ତି ଅଧିକ ଆକର୍ଷଣୀୟ ହେବ। ମଣ୍ଡପରେ ଶ୍ରଦ୍ଧାଳୁ ଭିଡ଼ କରିବେ। ତେଣୁ ଆବଦ୍ଧ ମଣ୍ଡପ ଏବଂ ସୀମିତ ଉଚ୍ଚତା ବିଶିଷ୍ଟ ମୂର୍ତ୍ତିରେ ପୂଜା ଆୟୋଜନ କରିବାକୁ କୁହାଯାଇଛି। ଅନ୍ୟପଟେ ଏହାଦ୍ୱାରା ସାଧାରଣ କାରିଗର ପ୍ରଭାବିତ ହେଉଛନ୍ତି। ତେଣୁ କଟକଣା ବି ରହୁ କଳାକାର ବି ବଞ୍ଚନ୍ତୁ। ସରକାର ଏଭଳି ନିୟମ ଆଣିବା ଦରକାର।

**-ଗୋବିନ୍ଦ ଚନ୍ଦ୍ର ସାହୁ, ପୂର୍ବତନ ନଗରପାଳ, କାମାକ୍ଷାନଗର**

### ନିରାଡ଼ମ୍ବର ପୂଜା ଗହଳି କମାଇବ



"କରୋନା ତୃତୀୟ ଲହର ଆଶଙ୍କା ସମ୍ପୂର୍ଣ୍ଣ ଯାଇନି। କେବଳ ପରମ୍ପରା ବଞ୍ଚାଇବା ଲାଗି ରାଜ୍ୟ ସରକାର କଟକଣା ମଧ୍ୟରେ ପାର୍ବଣ ପାଳନ କରିବାକୁ କହିଛନ୍ତି। ସରକାରଙ୍କ ନିୟମ ପାଳନ କରିବା ସମସ୍ତଙ୍କ ନୈତିକ କର୍ତ୍ତବ୍ୟ। ନିରାଡ଼ମ୍ବରରେ ପୂଜା ହେଲେ ମଣ୍ଡପରେ ଗହଳି କମିବ। ତେଣୁ ସରକାର ମୂର୍ତ୍ତି ଉଚ୍ଚତା, ସର୍ବସାଧାରଣ ଦର୍ଶନ ଉପରେ କଟକଣା ଜାରି କରିବା ସହିତ ଏଭଳି ନିଷ୍ପତ୍ତି ନେଇଛନ୍ତି।

**-ବ୍ରହ୍ମାନନ୍ଦ ଦେହୁରୀ, ପୂର୍ବତନ ପୋଲିସ ଅଧିକାରୀ**

# 'ଶରୀରକୁ ବଳିଷ୍ଠ କରେ ସମରକଳା'

**ଢେଙ୍କାନାଳ ଅଫିସ, ୨୯।୮**




ଜଣେ ପରୀକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ସାମରିକ କଳା ମହୋତ୍ସବ**

ସମୟ ସହିତ ତାଳଦେଇ ଚାଲିବା ଯୁବପିଢ଼ିଙ୍କ ପ୍ରଥମ ଦାୟିତ୍ୱ। ଆଜିକାର ଯୁଗରେ ବ୍ୟକ୍ତିଗତ ସୁରକ୍ଷା ପ୍ରଥମ ଦାୟିତ୍ୱ। ଏ କ୍ଷେତ୍ରରେ ସାମରିକ କଳା ପ୍ରଶିକ୍ଷଣର ଆବଶ୍ୟକତା ବଢ଼ିଛି। ଶରୀରକୁ ବଳିଷ୍ଠ କରି ଗଢ଼ି ତୋଳିବାରେ ସମରକଳାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ। ଜିଲା ଆମେଚର ଟାଏକୋଣ୍ଡୋ ଆସୋସିଏଶନ ଏବଂ ଗୁରୁଦେବ ଜୀ ମାର୍ଶାଲ ଆର୍ଟ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲା ଲେଖକ ସଂସଦ ଭବନ ପରିସରରେ ରବିବାର ଅନୁଷ୍ଠିତ 'ସାମରିକ କଳା ମହୋତ୍ସବ-୨୦୨୧'ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ କହିଲେ, ପିଲାମାନେ ପାଠ ପଢ଼ିବା ସହିତ ମାର୍ଶାଲ ଆର୍ଟ ଶିକ୍ଷା ଲାଭ କଲେ ଫିଟ୍ ରହିବେ। ସୁସ୍ଥ ରହିଲେ ପାଠପଢ଼ା ଲାଗି ଆଗ୍ରହ ବଢ଼ିବ। ଜିଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ସତ୍ୟସ୍ୱରୂପ ଦାସ କହିଲେ, ଜିଲା ଆମେଚର ଟାଏକୋଣ୍ଡୋ ଆସୋସିଏଶନ ଏବଂ ଗୁରୁଦେବ ଜୀ ମାର୍ଶାଲ ଆର୍ଟ ଅନୁଷ୍ଠାନ ବହୁ ପ୍ରତିଭାବାନ ଖେଳାଳି ସୃଷ୍ଟି କରିଛି। ଏଭଳି ପ୍ରୟାସ ଆଗାମୀ ଦିନରେ ମଧ ଜାରି ରହୁ ବୋଲି ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଅନୁଷ୍ଠାନର ସ୍ମରଣିକା 'ଆଇନା'କୁ ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୌମ୍ୟବ୍ରତ ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଉପଦେଷ୍ଟା ଅଥୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲାକ୍ ବେଲ୍ଟରେ ଉତ୍ତୀର୍ଣ୍ଣ ହୋଇଥିବା ମୁକ୍ତିକାନ୍ତ ଦାଶ, ଶୁଚିସ୍ମିତା ଚୌଧୁରୀ, ଇନ୍ଦ୍ରଜିତ ସାହୁଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ୫୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ;ୟଲୋ, ଗ୍ରୀନ୍, ବ୍ଲୁ, ରେଡ୍ ବେଲ୍ଟ ପରୀକ୍ଷା ଦେଇ ସଫଳତା ହାସଲ କରିଛନ୍ତି।

ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡ଼ାଧିକାରୀ ପ୍ରଦୀପ ମହାନ୍ତି, ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ରାଷ୍ଟ୍ରୀୟ ମହାସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଲେଖକ ସଂସଦର ବସନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନ ମହାନ୍ତି, ପ୍ରଶିକ୍ଷକ ଡାର୍ଲିନ ଡାଲ୍‌ଟନ, ପ୍ରତାପ ନାୟକ, ଇନ୍ଦ୍ରଜିତ ସାହୁ, ଆଶୁତୋଷ ପଟ୍ଟନାୟକ, ଇତିସ୍ମିତା ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ।

## 'ଧୈର୍ଯ୍ୟ ଧରିଲେ ଅନୁଷ୍ଠାନ ଆଗକୁ ବଢ଼ିବ'

**ଢେଙ୍କାନାଳ ଅଫିସ, ୨୯।୮**

ଢେଙ୍କାନାଳ ଜିଲା ଓଡ଼ାପଢ଼ା ବ୍ଲକ ନାଧରା ରାମଚଣ୍ଡୀ ପୀଠରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ସୂର୍ଯ୍ୟାଲୋକ ଫାଉଣ୍ଡେଶନ୍'ର ତୃତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଅଧ୍ୟକ୍ଷ ଦୀପକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହକୁ ଉଦ୍‌ଘାଟନ କରି ଏମ୍‌ପି ମହେଶ ସାହୁ କହିଲେ, ଧୈର୍ଯ୍ୟ ଧରିଲେ ଅନୁଷ୍ଠାନ ଆଗକୁ ବଢ଼ିବ। ସମସ୍ତଙ୍କୁ ନେଇ ଚାଲିଲେ ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ସେ କହିଥିଲେ। ଅତିଥି ଭାବେ ବିଧାୟକ ସୁଧୀର ସାମଲ, ଜିଲା କୃଷକ ମୋର୍ଚ୍ଚା ସଭାପତି ନରୋତ୍ତମ ସାହୁ ଯୋଗଦେଇ ସମାଜସେବା ଲାଗି ଆଗକୁ ଆସିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଧର୍ମାନନ୍ଦ ସାମଲ, କେଦାର ନାଥ, ରାମଚଣ୍ଡୀ ସେବା ପରିଷଦକୁ 'ସୂର୍ଯ୍ୟାଲୋକ ସେବା ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ୧୭ଜଣ କରୋନା ଯୋଦ୍ଧା ସମ୍ମାନିତ ହୋଇଥିଲେ। ଫାଉଣ୍ଡେଶନ୍‌ର ନିର୍ଦ୍ଦେଶିକା ଶୁଭଦର୍ଶିନୀ ପରିଡ଼ା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡ଼ଙ୍ଗୀ, ଆଇନ୍ ପରାମର୍ଶଦାତା ଶିଶିର ଶତପଥୀ, ତାପସ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରେଷ୍ଠ ୧୦ରେ ସ୍ୱପ୍ନା



**ଢେଙ୍କାନାଳ ଅଫିସ, ୨୯।୮:** ଏମ୍‌ଟିଭି ମଡେଲ ରିୟାଲିଟି ଶୋ'ରେ ଅଂଶଗ୍ରହଣ କରି ଓଡ଼ିଶାକୁ ଗୌରବାନ୍ୱିତ କରିଥିବା ଢେଙ୍କାନାଳ ଝିଅ ସ୍ୱପ୍ନା ପ୍ରିୟଦର୍ଶିନୀ ଟପ୍ ଟେନ୍‌ରେ ସ୍ଥାନ ପକ୍କା କରିଛନ୍ତି। ଏ ସଂକ୍ରାନ୍ତରେ ତାଙ୍କ ବାପା ବିଶ୍ୱଜିତ୍ ରାଉତରାୟ ଫୋନ୍ ମାଧ୍ୟମରେ ସୂଚନା ଦେଇଛନ୍ତି। ଭାଇକମ୍ ୧୮ ପ୍ରଯୋଜନା ସଂସ୍ଥା ଦ୍ୱାରା ଏମ୍‌ଟିଭି ଚ୍ୟାନେଲରେ ପ୍ରସାରିତ 'ସୁପର ମଡେଲ ଅଫ୍ ଦି ଇୟର ସିଜନ୍-୨'ରେ ଚୟନ ହୋଇଥିବା ୧୫ ପ୍ରତିଯୋଗୀଙ୍କ ମଧ୍ୟରେ ଏକମାତ୍ର ଓଡ଼ିଆ ଝିଅ ହେଉଛନ୍ତି ସ୍ୱପ୍ନା। ପ୍ରତିଯୋଗିତାର ବିଭିନ୍ନ ପର୍ଯ୍ୟାୟ ପାର୍ କରି ସେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ନିଜକୁ ସାମିଲ କରିଛନ୍ତି। ସୂଚନାଯୋଗ୍ୟ, ୧୯ ବର୍ଷୀୟା ସ୍ୱପ୍ନାଙ୍କ ପୈତୃକ ଘର ଢେଙ୍କାନାଳ ସହର କୁଞ୍ଜକାନ୍ତ ଅଞ୍ଚଳରେ। ତାଙ୍କ ବାପା ବିଶ୍ୱଜିତ୍ ରାଉତରାୟ ମୁମ୍ବାଇର ପଶ୍ଚିମ ସର୍କଲ ଅଞ୍ଚଳରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ମୁଖ୍ୟ ପରିଚାଳକ ଭାବେ କାର୍ଯ୍ୟରତ। ମା' ମଧୁମିତା ରାଉତରାୟଙ୍କ ପ୍ରେରଣା ସ୍ୱପ୍ନାଙ୍କୁ ଜାତୀୟସ୍ତରୀୟ ରିୟାଲିଟି ଶୋ'ରେ ପହଞ୍ଚାଇଛି।

## ମନେପଡ଼ିଲେ ହକି ଯାଦୁକର



କାର୍ଯ୍ୟକ୍ରମରେ କ୍ରୀଡ଼ାବିତ୍ ଏବଂ ଅତିଥିମାନେ।

**ଅନୁଗୋଳ ଅଫିସ, ୨୯।୮**

ଅନୁଗୋଳ ଇନ୍‌ଡୋର ଷ୍ଟାଡିୟମ ପରିସରରେ ରବିବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। କ୍ରୀଡ଼ାବିତ୍, ପ୍ରଶିକ୍ଷକ ଉପସ୍ଥିତ ରହି ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ଅବଦାନକୁ ମନେପକାଇଥିଲେ। କାର୍ଯ୍ୟକ୍ରମରେ ଆଥେଲେଟିକ୍ସ କୋଚ୍ ନୀଳମଣି ଦାସ, ଦୁଷ୍ମନ୍ତ ନାଥଙ୍କ ସମେତ ବହୁ ଜାତୀୟ ଓ ରାଜ୍ୟସ୍ତରୀୟ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଧ୍ୟାନଚାନ୍ଦଙ୍କ ଜୀବନୀ ଓ ଜାତୀୟ କ୍ରୀଡ଼ା ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଭାରତୀୟ ହକିକୁ ଶୀର୍ଷସ୍ତରକୁ ନେଇଥିବା ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଅଗଷ୍ଟ ୨୯କୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। ନିକଟରେ ତାଙ୍କ ନାମରେ ଖେଳରତ୍ନ ପୁରସ୍କାର ନିଷ୍ପତ୍ତିକୁ ସ୍ୱାଗତ କରାଯାଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଢେଙ୍କାନାଳରେ ହେବ ହକି ହବ୍

**ଢେଙ୍କାନାଳ ଅଫିସ, ୨୯।୮**

**ଜିଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ**

ଢେଙ୍କାନାଳ ମିନି ଷ୍ଟାଡିୟମ ପରିସରରେ ଜିଲା ପ୍ରଶାସନ, ଜିଲା କ୍ରୀଡା ସଂସଦ ଏବଂ ଜିଲା ହକି ସଂଘର ମିଳିତ ସହଯୋଗରେ ରବିବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ସକାଳ ସାଢେ ୭ଟାରେ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଏକ ଶୋଭାଯାତ୍ରାରେ ହକି ଖେଳାଳିମାନେ ସହର ପରିକ୍ରମା କରିଥିଲେ। ମିନି ଷ୍ଟାଡିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଆଗାମୀ ଦିନରେ ଢେଙ୍କାନାଳରେ ଏକ ହକି ହବ୍ କରାଯିବାର ଲକ୍ଷ୍ୟ ରହିଛି। କ୍ରୀଡ଼ା ଭିତ୍ତିଭୂମି ବିକାଶ ସହିତ ଆବଶ୍ୟକ ଉପକରଣ ପ୍ରଦାନ କରାଯିବ। ସୁନ୍ଦରଗଡ଼ ଭଳି ଢେଙ୍କାନାଳ ହକିକୁ ଗୌରବାନ୍ୱିତ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା କ୍ରୀଡ଼ା ଛାତ୍ରାବାସର ବରିଷ୍ଠ ହକି ପ୍ରଶିକ୍ଷକ ଅମୂଲ୍ୟାନନ୍ଦ ବିହାରୀ, ବିଜୟ କୁମାର ଲାକ୍ରା, ସୁନ୍ଦରଗଡ଼ ସେଲ୍ ହକି ଏକାଡେମୀର ପ୍ରଶିକ୍ଷକ ରାଜେନ୍ଦ୍ର ସେନି ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିବା ଲାଗି ସବୁସ୍ତରରେ ଉଦ୍ୟମ ଜରୁରୀ ବୋଲି ମତ ରଖିଥିଲେ। ଅବସରପ୍ରାପ୍ତ ସହକାରୀ କ୍ରୀଡା ନିର୍ଦ୍ଦେଶକ ଗିରିଜାକାନ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଧ୍ୟାନଚାନ୍ଦଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଢେଙ୍କାନାଳ-ଜଙ୍ଗିରା ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହାପରେ ମହିଳା-ବାଳକ ଦଳ ମଧ୍ୟରେ ଅନ୍ୟ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ନଳିନୀ କୁମାର ଦାସ, ହକି ସଂଘ ସମ୍ପାଦକ ପ୍ରଣବ କୁମାର ଷଡ଼ଙ୍ଗୀ, କ୍ରୀଡା ସଂଘ ସହ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ, ବରିଷ୍ଠ ପ୍ରଶିକ୍ଷକ ଗିରିଧାରୀ ସାମଲ, କ୍ରୀଡ଼ାବିତ୍ ପ୍ରେମାନନ୍ଦ ବିହାରୀ, ଗଦାଶିଳା ସମିତିସଭ୍ୟ ଶେଖରଚନ୍ଦ୍ର ସେଠୀ, ପ୍ରଶିକ୍ଷକ ସାଇ ପ୍ରସାଦ ଦଳେଇ, ବାବୁଲା ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସରେ କ୍ରୀଡ଼ାବିତ୍ ଏବଂ ଅତିଥିମାନେ।

